# Akashvani, Sambalpur

## SAMBALPURI NEWS EVENING BULLETIN

**16 June 2025- 7.02 pm- 7.12 pm.**

*******************************************

୧- ଦେଶେ ଜନଗଣନା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତର୍ଫୁ ବାହାର୍‌ଲା ବିଜ୍ଞପ୍ତି ।

୨- ରାଏଜେ ୫ ଟା ବିଭାଗ୍‌ଥି ୯ ଶହ ୬୪ ଝନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ଲେ ମୁଖ୍ୟମନ୍ତ୍ରୀ ।

୩- ଝାଡ଼ାବାନ୍ତି ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଆଏଜ୍‌ଠାନୁ ମୁଲ୍ ହେଲା ‘ଷ୍ଟପ୍ ଡାଇରିଆ’ ସଚେତନତା ଅଭିଯାନ୍ ।

୪- ରାଏଜେ ଆଏବା ଶୁକ୍ରବାର୍ ନୁ ଖୁଲ୍‌ବା ସବୁ ବିଦ୍ୟାଳୟ ।
- ସେହିଦିନୁ ଦିଆଯିବା ମଧ୍ୟାହ୍ନ ଭୋଜନ୍ ।

ଆଉର୍

୫- ଅଣସର ଘରେ ମାହାପୁରୁମାନ୍‌କୁ ଆଏଜ୍ ଲାଗି ହେବା ଫୁଲୁରି ତେଲ ।

ଜନଗଣନା ବିଜ୍ଞପ୍ତି ଏନ୍‌ଏସ୍‌ଡି

କେନ୍ଦ୍ର ସରକାରଙ୍କର୍ ତରଫ୍ରୁ ଦେଶେ ଜନଗଣନା ଲାଗି ଆଏଜ୍ ବିଜ୍ଞପ୍ତି ବାହାରିଛେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫ୍ରୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ୨୦୨୭ ମସିହା ମାର୍ଚ୍ଚ ୧ ତାରିଖ୍‌ନୁ ଦେଶେ ଜନଗଣନା ମୁଲ୍ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ମାତର୍‌କ ଲଦାଖ୍, ହିମାଚଲ୍ ପ୍ରଦେଶ ଆଉ ଉତରାଖଣ୍ଡ ନ ୨୦୨୬ ମସିହା ଅକ୍ଟୋବର ୧ ତାରିଖ୍‌ନୁ ଜନଗଣନା ମୁଲ୍ ହେବା । ଜନଗଣନା ୨ଟା ଖେପେ ହେବା । ପହେଲା ଖେପେ ଘର୍ ତାଲିକା ତିଆର୍ କରାଯିବା ଆଉ ଦୁଇ ନମ୍ବର ଖେପେ ଜନଗଣନା କରାଯିବା ।

ଇ ବାବ୍‌ଦେ ସାମାଜିକ୍ ଗଣମାଧ୍ୟମ ଜରିଏ ସୂଚ୍‌ନା ଦେଇକରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କହିଛନ୍, ଇ ଥର ପହେଲା କରି ଜାତିଭିତିକ ଜନଗଣନା କରାଯିବା । ପାଖାପାଖି ୩୪ ଲାଖ୍ କର୍ମଚାରୀ, ପର୍ଯ୍ୟବେକ୍ଷକ ଆଉ ୧ ଲାଖ୍ ୩୦ ହଜାର କାର୍ଯ୍ୟକର୍ତା ଗନ୍‌ତି କାମେ ଲାଗ୍‌ବେ । ଅତ୍ୟାଧୁନିକ୍ ପ୍ରଯୁକ୍ତି ବିଦ୍ୟା ଆଧାର୍‌ଥି ଜନଗଣନା ହେବା । ମୋବାଇଲ୍ ଆପ୍ଲିକେସନ୍ ବେଭାର୍ କରି କରି ଗନ୍‌ତି କାମ୍‌କେ ତୁର୍‌ତି କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ କହିଛନ୍ ।

ନିଯୁକ୍ତି ପତ୍ର-ମୁଖ୍ୟମନ୍ତ୍ରୀ       I &PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ୫ଟା ବିଭାଗର୍ ୯ ଶହ ୬୪ ଝନ୍‌ଙ୍କୁ ନିଯୁକ୍ତି ପତ୍ର ବାଂଟିଛନ୍ । ଭୁବନେଶ୍ୱରଠାନେ ଓଡ଼ିଶା କୃଷି ଆଉ ବୈଷୟିକ୍ ବିଶ୍ୱବିଦ୍ୟାଳୟଠାନେ ହେଇଥିବା ନିଯୁକ୍ତି ମେଲାଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୁବ ଶକ୍ତି ମାନେ ସେମାନକର୍ ଶକ୍ତି, ସାମର୍ଥ୍ୟ ଆଉ ଉତ୍ସାହର୍ ବଲେ ରାଜ୍ୟର୍ ବିକାଶ୍‌କେ ଆଗ୍‌କେ ନେବେ ବଲି କହିଛନ୍ ।

(ଭଏସ୍ ଓଭର୍... ମୁଖ୍ୟମନ୍ତ୍ରୀ)

ରାଜ୍ୟର୍ ନୂଆ ସରକାରଙ୍କର୍ ଇଟା ହଉଛେ ୧୦ ନମ୍ବର ନିଯୁକ୍ତି ମେଲା । ଆଏଜ୍ ପୂର୍ତ ବିଭାଗ୍‌ଥି ୫ ଶହ ୬୩, ଜଲ୍ ସମ୍ପଦ୍ ବିଭାଗଥି ୬୨, ପଂଚାୟତିରାଜ୍ ବିଭାଗଥି ଶହେ ୧୭, ନଗର ଉନ୍ନୟନ ବିଭାଗ୍‌ର ୨ ଶହ ୪ ଆଉ ଖାଉଟି କଲ୍ୟାଣ ବିଭାଗ୍‌ଥି ୧୮ ଝନ୍‌ଙ୍କୁ ନିଯୁକ୍ତି ଦିଆଯାଇଛେ । ରାଜ୍ୟ ସର୍‌କାର୍ ଗଲା ବଛ୍‌ରେ ଭିତ୍‌ରେ ୨୮ ହଜାର୍ ୩ ଶହ ୪୬ ସର୍‌କାରୀ ନିଯୁକ୍ତି ଦେଇଥିଲା ବେଲେ ବେସର୍‌କାରୀ ସ୍ତର୍‌ଥି ୪୫ ହଜାର୍ ନିଯୁକ୍ତି ଦେଇଛନ୍ ।

ଝାଡ଼ାବାନ୍ତି-ମୁଖ୍ୟମନ୍ତ୍ରୀ ସମୀକ୍ଷା       ହି.ସ.

ଯାଜପୁର ଆଉ କେନ୍ଦୁଝର ଜିଲ୍ଲାର୍ କେତେଟା ଜାଗାନ ଝାଡ଼ାବାନ୍ତି ବଢ଼୍‌ବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଆଉ ସ୍ୱାସ୍ଥ୍ୟ ବିଭାଗର୍ ବରିଷ୍ଠ ଅଧିକାରୀମାନଙ୍କର୍ ସଙ୍ଗେ ଆଲୋଚନା କରି କରି ଥିତି ବାବ୍‌ଦେ ବୁଝିଛନ୍ । ଝାଡ଼ାବାନ୍ତି ଆଏତ୍ କର୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ଅଧିକାରୀମାଙ୍କୁ ନିର୍ଦ୍ଦେଶ୍ ଦେବାର୍ ସହେତେ ଆକ୍ରାନ୍ତମାନଙ୍କୁ ତୁର୍‌ତି ଆଉ ଠିକ୍ ଭାବେ ଉଚିତ୍ ଚିକିତ୍ସା ସେବା ଯୋଗେଇ ଦେବାର୍ ଲାଗି ଜିଲ୍ଲାର ସବୁ ଡାକ୍ତରଖାନାମାନ୍‌କୁ କହିଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଭିନ୍ ଭିନ୍ ଜିଲ୍ଲାର ଡାକ୍ତର ଆଉ ଅଧିକାରୀମାନଙ୍କର୍ ସଙ୍ଗେ ନିୟମିତ୍ ଆଲୋଚନା କରି କରି ଥିତି ଉପ୍‌ରେ ନଜର୍ ରଖିଛନ୍ । ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱଥି ଭିଲ୍ ଆଏଜ୍ ଯାଜପୁର ଜିଲ୍ଲା ଯାଇକରି ଥିତିର ସମୀକ୍ଷା କରିଛନ୍ । ରୋଗୀମାନଙ୍କୁ ଭେଟ୍‌ଲା ଉତ୍‌ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନ ଗୁଟେ ସମୀକ୍ଷା ବୈଠକ୍ ଭିଲ୍ କରିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ସ୍ୱାସ୍ଥ୍ୟ ସଚିବ କହିଛନ୍...

(ଭଏସ୍ ଓଭର୍....ସ୍ୱାସ୍ଥ୍ୟ ସଚିବ)

ମହିଳା କମିଶନ ନିଯୁକ୍ତି ହି.ସ.

ଖୁବ୍ ଜଲ୍‌ଦି ରାଜ୍ୟ ମହିଳା ଆୟୋଗ୍‌ର ନିଯୁକ୍ତି ହେବା ବଲି ମହିଳା ଆଉ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ । ସେ କହିଛନ୍, ଇ ବାବ୍‌ଦେ ଇହାଦେ ତର୍ଜମା ଚାଲିଛେ । ଏକାସଙ୍ଗେ ମହିଳା କମିଶନ, ଶିଶୁ କମିଶନ ପଦବୀ ପୂରଣ ହେବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ଲିଙ୍ଗ ଭିତିକ୍ ହିଂସା କର୍ମଶାଳା I &PR

ଲିଙ୍ଗ ଭିତିକ୍ ହିଂସା ମହିଲାମାନକର ସ୍ୱାସ୍ଥ୍ୟ, ସମ୍ମାନ, ସୁରକ୍ଷା ଆଉ ସ୍ୱାଧୀନତାକେ କ୍ଷତି ପୁହୁଁଚାସି ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବନେଶ୍ୱରଠାନେ ରାଜ୍ୟ ମହିଲା ଆଉ ଶିଶୁ ପ୍ରତିଷ୍ଠାନ୍ ନ ହେଇଥିବା ଲିଙ୍ଗ ଭିତିକ୍ ହିଂସା ଆଉ ପୀଡ଼ିତାଙ୍କର୍ ମାନସିକ୍ ଆଘାତ୍ ଭିତିକ୍ ଯତନ୍ ଶୀର୍ଷକ୍ ଗୁଟେ କର୍ମଶାଲାଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଯୋଗ୍ ଦେଇକରି କହିଛନ୍, ମହିଲାମାନେ ସଶକ୍ତ ହେଲେ ଆମର୍ ସମାଜ୍ ବର୍‌କସ୍ ହେବା ଆଉ ଉନ୍ନତି ଦିଗ୍‌କେ ବଢ଼୍‌ବା । ତାର୍ ଉତ୍‌ରୁ ସମାଜ୍‌ର ସବୁ ସ୍ତର୍ ନ ଲିଙ୍ଗ ଭିତିକ୍ ହିଂସାକେ ଆଏତ୍ କରାଯାଇ ପାର୍‌ବା । ଇତାକେ ନେଇକରି ସବୁ ସ୍ତର୍‌ଥି ସଚେତନ୍ କରାଯିବାର୍‌ଟା ଜରୁରୀ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

‘ଷ୍ଟପ୍ ଡାଇରିଆ’ ଅଭିଯାନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଚାପିଥିବା ଝାଡ଼ାବାନ୍ତି ଥିତିକେ ନଜର୍‌ଥି ରଖିକରି ଆଏଜ୍‌ଠାନୁ ରାଏଜେ ‘ଷ୍ଟପ୍ ଡାଇରିଆ’ ଅଭିଯାନ୍ ମୁଲ୍ ହେଇଛେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଢେଙ୍କାନାଲ୍ ଜିଲ୍ଲା ଭୁବନ୍ ଠାନେ ଅଭିଯାନ୍‌ର ଶୁଭାରମ୍ଭ କରିଛନ୍ । ଜୁଲାଇ ୩୧ ତାରିଖ୍‌ତକ୍ ହେବାର୍‌କେ ଥିବା ୪୫ ଦିନିଆ ଇ ଅଭିଯାନ୍‌ଥି ରାଜ୍ୟର୍ ସବୁ ଇଲାକା ନ ଡାଇରିଆକେ ନେଇକରି ଲୁକ୍‌କୁ ସତର୍କ କରାଯିବା । ସଭେ ସତର୍କ ଆଉ ସଚେତନ୍ ରହେଲେ ଡାଇରିଆ ଦୂର୍ କରାଯାଇପାର୍‌ବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ମଧ୍ୟାହ୍ନ ଭୋଜନ          I &PR

ଆଏବା ୨୦ ତାରିଖ୍‌ନୁ ରାଜ୍ୟର୍ ସବୁ ସରକାରୀ ଆଉ ସରକାରୀ ଅନୁଦାନ୍ ପାଇଥିବା ବିଦ୍ୟାଳୟମାନ ଖୁଲ୍‌ବା । ଇତାର୍ ସହେତେ ଇ ସବୁ ବିଦ୍ୟାଳୟମାନ୍‌କେ  ଶିଶୁ ବାଟିକାନୁ ମୁଲ୍ କରି କରି ୧୦ ଶ୍ରେଣୀ ତକ୍ ସବୁ ଛାତ୍ରଛାତ୍ରୀଙ୍କୁ ସେହିଦିନ୍‌ଠାନୁ ମଧ୍ୟାହ୍ନ ଭୋଜନ ଦିଆଯିବା

ବଲି ଆଏଜ୍ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ବାହାରିଥିବା ବିଜ୍ଞପ୍ତି ନୁ ଜନାପଡ଼ିଛେ । ଇ ବାବ୍‌ଦେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ବିଭାଗ୍ ତର୍ଫୁ ଚିଠି କରାଯାଇଛେ । ବିଭାଗର୍ ବିଜ୍ଞପ୍ତି ଅନ୍‌ସାରେ ସ୍କୁଲ୍ ଖୁଲ୍‌ବାର ପହେଲା ଦିନ୍‌ଠାନୁ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବା । ମହଜୁଦ୍ ଥିବା ମଧ୍ୟାହ୍ନ ଭୋଜନ୍ ସାମଗ୍ରୀ ମାନକର ଯାଂଚ କରାଯିବା । ରନ୍ଧା ଘର୍‌କେ ଭଲ୍ ଭାବେ ସଫାସୁତ୍‌ରା କରାଯିବା । ସ୍କୁଲ୍ ଖୁଲ୍‌ବାର୍ ଆଘୋନୁ ଜିଲ୍ଲା ଶିକ୍ଷାଧିକାରୀ, ଗୋଷ୍ଠୀ ଶିକ୍ଷାଧିକାରୀ ଆଉ ଏସ୍.ଆର୍.ସି.ସି ମାନେ କ୍ଷେତ୍ର ପରିଦର୍ଶନ୍ କର୍‌ବେ ।

ରଜ ଆର୍‌ଏନ୍‌ୟୁ/ ସମ୍ବଲପୁର

କୃଷିଭିତିକ ରଜପର୍ବ ୩ ନମ୍ବର୍ ଦିନ୍‌କେ ଆଏଜ୍ ସାରା ରାଏଜେ ଉସତ୍ ଉସ୍‌ନାକିଥି ପାଲନ୍ କରାଯାଇଛେ । ଆଏବା କାଏଲ୍ ବସୁମତୀ ସ୍ନାନ ସହେତେ ରଜ ପର୍ବ ଶେଷ୍ ହେବା । ଗାଁନୁ ସହର୍‌ତକ୍ ଭିନ୍ ଭିନ୍ ଇଲାକା ନ ଇଥିର୍‌ଲାଗି ପ୍ରତିଯୋଗିତା ମାନ୍ କରାଯାଇଛେ ।

ଶ୍ରୀମନ୍ଦିର୍- ଅଣସର ପଂଚମୀ ଆର୍‌ଏନ୍‌ୟୁ/ କଟକ୍

ଅଣସର ଘରେ ଥିବା ମାହାପୁରୁମାନ୍‌କୁ ଆଏଜ୍ ପଂଚମୀ ତିଥିଥି  ଆଏଜ୍ ବଡ଼ ଓଡ଼ିଆ ମଠ ତର୍‌ଫୁ ତିଆର୍ ହେଇଥିବା ଫୁଲିରୀ ତେଲ ଲାଗି ହେବା । ଆକାଶବାଣୀ ସମାଚାର୍ ବିଭାଗ୍ ତର୍‌ଫୁ ମାହାପୁରୁମାନ୍‌କର୍ ଫୁଲୁରି ତେଲ ଲାଗି ବାବ୍‌ଦେ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ଗଲାବଛର୍ ହେରାପଂଚମୀ ଦିନ୍‌ଠାନୁ ଘନାଥି ପେରା ହେଇଥିବା ରାଏଣ୍ ତେଲ୍‌ଥି କର୍ପୁର୍, ଚୁଆ, ପରଖ, ପିଙ୍ଗଲ୍ ବାଗିର୍ ୧୪ ରକ୍‌ମର୍ ଫୁଲ୍ ଆଉ ୭ ରକ୍‌ମର୍ ଚେରିମୁଲି ଉଷୋ ଆଉ ବାସ୍ନା ଦରବ୍ ପକେଇକରି ମାଏଟ୍‌ତଲେ ଗୁଟେ ମାଟିର୍ ହାଁଡ଼ିଥି ବଛରେତକ୍ ତୁପାଯାଏସି । ଇ ହିସାବେ ଫୁଲୁରି ତେଲ୍‌କେ ତିଆର୍ କରାଯାଏସି । ଦେବସ୍ନାନ ପୁନିର୍ ଆଘର୍ ଦିନର୍ ମାଏଟ୍‌ତଲୁ ଇ ତେଲ୍‌କେ ବାହାର୍ କରାଯାଏସି । ଆଏଜ୍ ପଂଚ୍‌ମୀ ତିଥିଥି ତେଲ୍‌କେ ଛନା ହେଇକରି ଅମୁଣିଆ ବନାଯାଏସି ଆର୍ ମାହାପୁରୁମାନ୍‌କର୍ ଲାଗି ପଠାଯାଏସି ।  ପତି ମହାପାତ୍ର ସେବକ ୩ ଟା ରୁପାର୍ ପିଙ୍ଗଣ ଥି ଫୁଲୁରି ତେଲ୍ ନେଇକରି ସଂସ୍କାର୍ କର୍‌ବାର୍ ଉତ୍‌ରୁ ଦଇତାପତିମାନେ ମାହାପୁରୁ ମାନ୍‌କର୍ ଶ୍ରୀଅଙ୍ଗଥି ତେଲ୍ ଲଗାବେ । ଶାସ୍ତ୍ର ଅନ୍‌ସାରେ ଇ ତେଲ୍ ଲଗାଲା ଉତ୍‌ରୁ ମାହାପୁରୁମାନ୍‌କର୍ ଜର୍ କମ୍‌ସି । ସ୍ନାନ ଯାତ୍ରା ଉତ୍‌ରୁ ଜରେ ପଡ଼ିଥିବା ମାହାପୁରୁମାନ୍‌କର୍ ଗୁପ୍ତ ସେବା ଉପଚାର୍*

*ଚାଲିଛେ । ମାହାପୁରୁଙ୍କୁ ୫୬ ପଉଟି ଭୋଗ ବଦ୍‌ଲେ ଇହାଦେ ଫଲ୍‌ମୂଲ୍, ଗୁରସ୍, ଖିର୍‌ସାଥି ତିଆର୍ ହେଇଥିବା ପନା ଆର୍ ଚକ୍‌ଟା ଭୋଗ୍ ଲାଗି କରାଯାଉଛେ ।*

*ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ମୁଇଁ ବିସ୍ମିତା ପଧାନ୍*

ଜନଅଭିଯୋଗ୍ ଶୁଣାଣି ଶିବିର/ ବୌଦ୍ଧ/ ନୂଆପଡ଼ା/ ଦେବ୍‌ଗଡ଼୍

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୬୮ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୪୦ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା । ବାକି ଅଭିଯୋଗ୍ ମାନ୍‌କର୍ ସମାଧାନ୍ ଦିଗେ ପଦକ୍ଷେପ୍ ନେବାର୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପଂଚାୟତ୍ ସମିତି କକ୍ଷ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ଶହେ ୬ ଟା ଅଭିଯୋଗ୍ ଆସିଥିଲା । ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସେନ୍ତା ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ ଚଢ଼େଇମରା ପଂଚାୟତ୍ ସମ୍ମିଲନୀ କକ୍ଷ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିର୍‌ଥି ୫୦ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲ୍‌ପୁର୍ ଜନ ଅଭିଯୋଗ୍ ଶୁଣାଣି ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ରେଙ୍ଗାଲି ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୭୪ ଟା ଅଭିଯୋଗ୍ ଆସିଥିଲା । ୧୦ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା । ଆଉ ଗୁଟେ ଅଭିଯୋଗ୍‌ଥି ରେଡ଼୍‌କ୍ରସ୍ ତର୍‌ଫୁ ଅଭିଯୋଗ୍‌କାରୀଙ୍କୁ ୩୦ ହଜାର୍ ଟଙ୍କା ସାହାଜ୍ ଦିଆଯାଇଥିଲା ।

ବିକାଶ୍ ମେଳା-ହିତାଧିକାରୀ ସମ୍ମିଲନୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କଚ୍‌ରୀ ପଡ଼ିଆ ଠାନେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ୍ ମେଳାଥି ମହିଳା, ଶିଶୁ ବିକାଶ୍ ବିଭାଗ୍ ଆଉ ଅନୁସୂଚିତ

ଜାତି ଆଉ ଜନଜାତି ଉନ୍ନୟନ୍ ବିଭାଗ୍ ତର୍ଫୁ ହିତାଧିକାରୀ ସମ୍ମିଳନୀ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିଭାଗ୍ ମାନ୍‌କର୍ ତର୍ଫୁ ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ କଲ୍ୟାଣ୍‌କାରୀ ଯୋଜ୍‌ନା ବାବ୍‌ଦେ ଆଲୋଚନା କରିଛନ୍ । ଇ ଅବ୍‌ସରେ ୧୨ ଝନ୍ ହିତାଧିକାରୀଙ୍କୁ ଜଙ୍ଗଲ୍ ଅଧିକାର୍ ପଟ୍ଟା ଦିଆଯାଇଥିଲା ।

କଲାହାଣ୍ଡି- ଦୁର୍ଘଟଣା କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଜୁନାଗଡ୍ ରେଲ୍‌ଷ୍ଟେସନ୍ ଛକ୍ ପାଖେ ଟ୍ରକ୍ ଧକ୍କାଥି ବାଇକ୍‌ଥି ବସିଥିବା ଝନେ ବରିଷ୍ଠ ନାଗରିକଙ୍କର୍ ଜୀବନ୍ ଯାଇଥିଲା ବେଲେ ବାଇକ୍ ଚାଲକ୍ ଜବର୍ ଜଖମ୍ ହେଇଛନ୍ । ଇଥି ଆଉ ଝନେ ଅଟୋ ଚାଲକ୍ ଭିଲ୍ ଖଁଡ଼ିଆ ଖାବ୍‌ରା ହେଇଛନ୍ । ଖବର୍ ପାଇକରି ଜୁନାଗଡ୍ ଥାନା ପୁଲିସ୍ ଘଟ୍‌ନାସ୍ଥଲ୍ ନ ଛାନ୍‌ଭିନ୍ ମୁଲ୍ କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୭ ଦିନ୍ ତକ୍ ରାଏଜେ କେତେଟା ଜାଗା

ନ ବର୍ଷା ପାଗ୍ ଲାଗି ରହେବାର୍‌ନୁ ତାତି କମ୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । କଲାହାଣ୍ଡି, କଟକ୍ ଆର୍ ଜଗତ୍‌ସିଂହପୁର୍ ନ ଅପର୍‌ବଲ୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।